## ପୋଖରୀରେ ବୁଡ଼ି ଜଣେ ମୃତ

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ହଣ୍ଡପା ଥାନା ଇଚ୍ଛାପୁର ପଦ୍ମପୁର ଗ୍ରାମରେ ପୋଖରୀରେ ବୁଡ଼ି ଶୁକ୍ରବାର ସେହି ଗ୍ରାମର ଅଭିରାମ ଦେହୁରୀଙ୍କ ମୃତ୍ୟୁ ହୋଇଛି। ସେ ଶୌଚ ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ବାମୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଅଭିରାମଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମୃତଦେହ ରଖି ଆନ୍ଦୋଳନ, କର୍ମଚାରୀଙ୍କୁ ଘେରାଉ

### ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟଣା



ଅନୁଗୋଳ,୮।୧୨ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଶରଧାପୁର ଓ ଛେଲିଆପଡ଼ା ଗ୍ରାମରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବନ କର୍ମଚାରୀ ଓ ପୋଲିସ ପହଞ୍ଚିବାରେ ବିଳମ୍ବ ଯୋଗୁ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଥିଲା। ବନ କର୍ମଚାରୀ ପହଞ୍ଚିବା ପରେ ମୃତକଙ୍କ ପରିବାର ଲୋକ ଓ ଗ୍ରାମବାସୀ ସେମାନଙ୍କୁ ଘେରିଯାଇଥିଲେ। ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ମୃତଦେହ ଛଡ଼ାଯିବ ନାହିଁ ବୋଲି ଜିଦ୍ ଧରିଥିଲେ। ଦାବି ପୂରଣ ନେଇ ବନ ବିଭାଗ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଥିଲା।

ପ୍ରକାଶ ଯେ, ଗୁରୁବାର ରାତିରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଶରଧାପୁର ଗ୍ରାମର ସୁରୁ ନାଏକ(୧୮)ଙ୍କୁ କଚାଡ଼ି ମାରିଦେଇଥିଲା। ଭେଣ୍ଡିଆ ପୁଅର ଜୀବନ ଯିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ୧୨ଟା ପରେ ପୋଲିସ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକେ ବନ କର୍ମଚାରୀଙ୍କୁ ଘେରି କ୍ଷତିପୂରଣ ପାଇଁ ଦାବି କରିଥିଲେ। ସହକାରୀ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଦିଆଯିବ ବୋଲି କହିବା ସହ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ରେଡକ୍ରସ୍‌ରୁ ୩୦ ହଜାର ଟଙ୍କା ପ୍ରଦାନ, ମୃତକଙ୍କ ପରିବାରରୁ ଜଣଙ୍କୁ ବନ ବିଭାଗରେ ଚାକିରି ଓ ଶରଧାପୁର ଗ୍ରାମରେ ସୌରବାଡ଼, ସୌର ଆଲୋକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ମୃତ ଦେହକୁ ଛାଡ଼ିଥିଲେ। ସେହିପରି ଛେଲିଆପଡ଼ା ଗ୍ରାମର ଚାଷୀ ଅଇଁଠୁ ପ୍ରଧାନ(୬୦)ଙ୍କ ମୃତଦେହ ରାତି ତମାମ୍ ପଡ଼ି ରହିଥିଲେ ମଧ୍ୟ ବନ ବିଭାଗ କି ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ଲୋକେ ଆନ୍ଦୋଳନ ଚଳାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ବନ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ମୃତକଙ୍କ ସ୍ତ୍ରୀଙ୍କୁ ତୁରନ୍ତ ୬୦ ହଜାର ଟଙ୍କା ପ୍ରଦାନ କରିବା ସହିତ ଅବଶିଷ୍ଟ ୫ ଲକ୍ଷ ୪୦ ହଜାର ଟଙ୍କା କାଗଜପତ୍ର ଦାଖଲ ପରେ ମିଳିବ, ଗ୍ରାମରେ ସୌରବାଡ଼ ଓ ସୌର ଆଲୋକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, ଅନୁଗୋଳ ରେଞ୍ଜ ଶରଧାପୁର ଗ୍ରାମରେ ସୁରୁ ଓ ବନ୍ତଳା ରେଞ୍ଜ ଅଞ୍ଚଳର ଅଇଁଠୁଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ହାତୀଟି ଏବେ ଶରଧାପୁର ଗାଁରେ ଥିବାରୁ ହାତୀ ସ୍କ୍ୱାଡ୍ ଜଗି ରହିଛନ୍ତି।

# ଅପହରଣର ୧୩ ଦିନ ପରେ ମିଳିଲା ମୃତଦେହ

### ହତ୍ୟା ପରେ ପଥର ବାନ୍ଧି ବନ୍ଧରେ ଫିଙ୍ଗିଥିବା ଅଭିଯୋଗ



ଛେଣ୍ଡିପଦା,୮।୧୨ (ଅଜିତ ଧଳ)/ସାତମାଇଲ,(ସୁଶାନ୍ତ ପତି)

ଅନୁଗୋଳ ଜିଲା ଜରପଡା ଥାନା ପୋଲିସ ଅପହରଣର ୧୩ ଦିନ ପରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଘୋଡାଡିଆଁ ପଥର ବନ୍ଧରୁ ଶୁକ୍ରବାର ଜବତ କରିଛି। ମୃତଦେହରେ ପଥର ବାନ୍ଧି ବନ୍ଧ ଭିତରକୁ ଫିଙ୍ଗି ଦିଆଯାଇଥିବା ଦେଖାଯାଇଛି। ମୃତକ ହେଲେ ଜରପଡା ଥାନା କୋରଡା ଗ୍ରାମର ଅରୁଣ ବେହେରାଙ୍କ ପୁଅ ବିକାଶ ବେହେରା (୨୩)। ଏହି ଘଟଣାର ତଦନ୍ତରେ ବିଳମ୍ବକୁ ନେଇ ଜରପଡ଼ା ଥାନା ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ, ଗତ ନଭେମ୍ବର ୨୬ ରାତି ୮ଟାରେ ବିକାଶ ଗାଁ ହାଇସ୍କୁଲ ଛକ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ଏକ ଚାରି ଚକିଆ ଗାଡ଼ିରେ କେତେଜଣ ଯୁବକ ଆସି ବିକାଶଙ୍କୁ ମାରପିଟ୍ କରି ଅପହରଣ କରି ନେଇଥିଲେ। ଏ ନେଇ ବିକାଶଙ୍କ ବାପା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି ନ ଥିଲା। ଏପରିକି ମାମଲା ମଧ୍ୟ ରୁଜୁ କରି ନ ଥିଲା। ପୋଲିସର ଏପରି କାର୍ଯ୍ୟକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେବା ପରେ ପୋଲିସ ଉକ୍ତ ଅଭିଯୋଗପତ୍ରର ତାରିଖକୁ ବଦଳାଇ ଡିସେମ୍ବର ୨ତାରିଖରେ ନଂ. ୩୯୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ମୃତକଙ୍କ ବାପା ଅରୁଣ ଅଭିଯୋଗ କରିଛନ୍ତି। ଜରପଡା ପୋଲିସ କହିଛି, କେତେଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଣଙ୍କୁ ଅଟକ ରଖି ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ବିକାଶଙ୍କୁ ଅପହରଣକାରୀ ହତ୍ୟା କରି ଏକ ବନ୍ଧରେ ପଥର ବାନ୍ଧି ଫୋପାଡି ଦେଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ଜରପଡା ଥାନାଧିକାରୀ ପୀତାମ୍ବର ମଲ୍ଲିକ, ଏସ୍‌ଆଇ ଗୟାଧର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ପୋଲିସ ସହାୟତାରେ ଘୋଡାଡିଆଁ ପଥର ବନ୍ଧରୁ ମୃତଦେହ ଜବତ କରିଥିଲା। ବିକାଶଙ୍କ ପରିବାର ଲୋକଙ୍କ ଉପସ୍ଥିତରେ ଅଗ୍ନିଶମ ବିଭାଗ ସହାୟତାରେ ପାଣି ଭିତରୁ ଗଳିତ ମୃତଦେହ ଜବତ ପରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବ। ରାତି ହୋଇଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆଧାରରେ ଅଭିଯୁକ୍ତଙ୍କୁ ଧରାଯିବା ସହ ଘଟଣା ଉପରୁ ପରଦା ହଟାଯିବ ବୋଲି ପୋଲିସ ପ୍ରକାଶ କରିଛି।

## କୁଣ୍ଡେଶ୍ୱର ଫୁଟବଲ ଫାଇନାଲ ଆଜି

ଅନୁଗୋଳ,୮।୧୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ତଳମୂଳ ପଞ୍ଚାୟତ ଶିମିଳିଛୁଇଁ ଠାରେ ଶୁକ୍ରବାର ୧୦ମ କୁଣ୍ଡେଶ୍ୱର ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବାପି ନାୟକ ଉପସ୍ଥିତ ଥିଲେ। ସୋନପୁର ଓ ଝାରସୁଗୁଡା ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୋନପୁର ୧-୦ ଗୋଲରେ ବିଜୟୀ ହୋଇଥିଲା। ଶନିବାର ଫାଇନାଲ ମ୍ୟାଚ ବରଗଡ଼ ୟୁନାଇଟେଡ ଓ ବିଏଫସି ସୋନପୁର ମଧ୍ୟରେ ଖେଳାଯିବ। ଏଥିରେ ଅରୁଣଦୋୟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ସେମିଫାଇନାଲରେ ଖେଳିଥିବା ଖେଳାଳିମାନେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା



କାମାକ୍ଷାନଗର,୮।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ନୂଆ ଓଡ଼ିଶା ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋବୃତ୍ତି ନେଇ ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରି ନୂଆ ଓଡ଼ିଶା ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରେମାନନ୍ଦ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗ ଅଧିକାରୀ ଅଧ୍ୟାପକ ଅଜୟ ଟିନାରାଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ଦୁଲା ରାମ ମୁର୍ମୁ, ହରେକୃଷ୍ଣ ଦେହୁରୀ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ରକା ବେନ ପତି, ମଧୁସ୍ମିତା ନନ୍ଦ, ଝୁନୁରୟ ଓ କର୍ମଚାରୀ ବସନ୍ତ ସାହୁ, ହେମନ୍ତ ବିଶ୍ୱାଳ, ବସନ୍ତ ଦାସ, ଅଭୟ ସାହୁ, ରବି ମହନ୍ତ, ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ଦାସ ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖରେ ଶେଷ ହେବ।

## ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ପରଜଙ୍ଗ,୮।୧୨ (ନିଗମାନନ୍ଦ ଦଳବେହେରା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଶୁକ୍ରବାର ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ଡିହଡୋଳ ବାସଭବନରେ ମାଣିକମରା ପଞ୍ଚାୟତର ୯ଜଣ ଭାଜପା କର୍ମୀ ଓ ମୁକ୍ତାପଶି ପଞ୍ଚାୟତର ଭାଜପା ଯୁବନେତା ବିନୟ କୁମାର ସାହୁ ଓ ଅନ୍ୟତମ ଭାଜପା ଦଳର ନେତା ଦୁଷ୍ମନ୍ତ ସାହୁ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଗୌତମ ପାଣି, ରବିନାରାୟଣ ସାହୁ, ଦିଲ୍ଲୀପ ବର୍ମା, ପ୍ରେମାନନ୍ଦ ସାହୁ, ସର୍ବେଶ୍ୱର ବିଶ୍ୱାଳ, ମୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କର୍ମୀଙ୍କୁ ବିଧାୟକ ସାହୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଧାୟକଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଜେଡିରେ ସାମିଲ ହେଉଛନ୍ତି।

## ଯୌତୁକ ପ୍ରଥା ବନ୍ଦ ପାଇଁ ସଚେତନତା




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବଇଣ୍ଡା,୮।୧୨(ପରିକ୍ଷିତ ସାହୁ)

ବର୍ତ୍ତମାନ ଯୌତୁକ ପାଇଁ ଅନେକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଯୌତୁକ ପାଇଁ ଅନେକ ନିରୀହ ମହିଳାଙ୍କ ଜୀବନ ଯାଉଛି। ଯୌତୁକ ପ୍ରଥା ବନ୍ଦ କରାଯାଉ ବୋଲି ନୂଆ ଓଡ଼ିଶା ଯୁବ ଓଡ଼ିଶା ପକ୍ଷରୁ ଶୁକ୍ରବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଞ୍ଚଳବାସୀଙ୍କୁ ସଚେତନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଅଧକ୍ଷା ପ୍ରତିମା ବାଘ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ତରୁଣ ପ୍ରଧାନ, ଟୁକୁନା ପ୍ରଧାନ, ଅଧ୍ୟାପିକା ଡ. କଲ୍ୟାଣୀ ରୁପା ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବନମାଳିପୁର, ଆନନ୍ଦପୁର, ଠାକୁରଗଡ଼ ଆଦି ସ୍ଥାନରେ ଅଞ୍ଚଳବାସୀଙ୍କୁ ଯୌତୁକ ନ ଆଣିବା ପାଇଁ ସଚେତନ କରାଇଥିଲେ। ଚିତ୍ତରଞ୍ଜନ ବେହେରା, ସପ୍ନେଶ୍ୱର ପ୍ରଧାନ ସହଯୋଗ କରିଥିଲେ।

## ଚୋରି ଅଭିଯୁକ୍ତ ଗିରଫ

ଖମାର,୮।୧୨(ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଜେନାପଡ଼ା ଛକ ନିକଟରେ ଥିବା ବିଏସଏନଏଲ ଅଫିସରୁ ଚୋରି ଅଭିଯୋଗରେ ଖମାର ପୋଲିସ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗତ ୭ ତାରିଖ ରାତିରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ରେଙ୍ଗାଳି ରୋଡ୍ ୟୁକୋ ବ୍ୟାଙ୍କ ପାଖ ବିଏସଏନଏଲ ଟାୱାରରୁ ୪ଟି ଆର୍‌ୟୁ କାର୍ଡ ସହିତ ଜେନାପଡ଼ା ଗ୍ରାମର ଜଙ୍ଗଲା ନାଏକ (୨୫)କୁ ଧରି ଥାନାକୁ ଅଣାଯାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ଅଧିକ ପଚରାଉଚରା କରିବା ବେଳେ ଜଙ୍ଗଲା ଚୋରି କରିଥିବା ମାନିଥିଲେ। ବିଏସ୍‌ଏନ୍‌ଏଲ୍ ଟେକ୍ନିସିଆନ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪୬/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ଭୁବନ,୮।୧୨( ବିପିନ ବିହାରୀ ସେଠୀ )

ଢେଙ୍କାନାଳ ଜିଲା ଭୁବନ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ଶିଳାନ୍ୟାସ କରିଛନ୍ତି। ହୁଲପାଳ ପଞ୍ଚାୟତ ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତ ଗ୍ରାମ ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ରାଜସ୍ୱ ବିଶ୍ରାମ ଗୃହ ପାଇଁ ଶିଳାନ୍ୟାସ କରାଯାଇଛି। ସେହିପରି ବ୍ଲକର ବାରୁଆ, ଧଳପଡା ଓ କୁନିନ୍ଦା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ହୋଇଛି। ସେଥିରେ ପ୍ରତ୍ୟେକ ପଞ୍ଚାୟତ ପାଇଁ ୫୦ ଲକ୍ଷ ଟଙ୍କାର ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ। ବିଦ୍ୟାଳୟ କକ୍ଷ, କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ ପ୍ରକଳ୍ପ, କମ୍ୟୁନିଟି ଗୃହ ଓ ମନ୍ଦିର ମଠ ଉନ୍ନୟନ କାର୍ଯ୍ୟ କରାଯିବାକୁ ସ୍ଥିର କରାଯାଇଛି। ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ବାରୁଆ (ଖ) ସରପଞ୍ଚ ବିଭାରାଣୀ ସାହୁ, ଧଳପଡା ସରପଞ୍ଚ ଶ୍ରୀନିବାସ ବେହେରା ଓ କୁନିନ୍ଦା ସରପଞ୍ଚ କଲ୍ୟାଣୀ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ଜିଲା ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ, କାମାକ୍ଷାନଗର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ସେଠୀ, ଭୁବନ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ସାହୁ ଓ ମହୁଲପାଳ ସରପଞ୍ଚ ଯୋଗଦେଇ ଅଞ୍ଚଳର ବିକାଶ ସମ୍ପର୍କରେ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ।




ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଆମ ଓଡ଼ିଶା ନବୀନ ଓଡ଼ିଶାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

## ୨୬ ୟୁନିଟ୍ ରକ୍ତ ସଂଗ୍ରହ

ଆଠମଲ୍ଲିକ,୮।୧୨(ଉଦୀପ୍ତ ପୁରୋହିତ)

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆଠମଲ୍ଲିକ ଶାଖା ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆଠମଲ୍ଲିକ ଶାଖା ପରିଚାଳକ ଅନିଲ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ଅତିଥି ଭାବରେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର, ଡିଏଫଓ ସନ୍ତୋଷ କୁମାର ସମ୍ପୁଲା ଯୋଗଦେଇ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଭଣ୍ଡାର ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା, ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂ, କର୍ମଚାରୀ ରବୀନ୍ଦ୍ର ନାଥ ମହାନ୍ତି, ରାକେଶ କୁମାର ଦେଓ, ମୁକେଶ ଦେହୁରୀ, ରାଧା ମୋହନ ତ୍ରିପାଠୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବ୍ୟାଙ୍କ କର୍ମଚାରୀ ରାକେଶ ମଣ୍ଡଳ, ସସ୍ମିତ କୁମାର ନାୟକ, ଏଲିଜା ତ୍ରିପାଠୀ, ସୁକନ୍ୟା ଦନ୍ତା, ସୁରେନ୍ଦ୍ର ସେଠୀ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କର୍ମଚାରୀମାନେ।

## ନିଖୋଜ ନାବାଳକ ଉଦ୍ଧାର

କଣିହାଁ,୮।୧୨ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପୋଲିସ ଶନିବାର ଜଣେ ନିଖୋଜ ନାବାଳକଙ୍କୁ ଉଦ୍ଧାର କରିଛି। ପୋଲିସ କହିଛି, ରେଙ୍ଗାଳି ଥାନା ବଜ୍ରକୋଟ ଗ୍ରାମର ଜଣେ ୧୭ ବର୍ଷୀୟ ନାବାଳକ ଗତ ମେ ୧୬ ତାରିଖରେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୫୫/୨୩ରେ ଏକ ମାମଲା ରୁଜୁ କରିଥିଲା। ସମ୍ପୃକ୍ତ ନାବାଳକ ଭୁବନେଶ୍ୱରର ଏକ ମଲ୍‌ରେ ଥିବା ଜାଣି ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ଶନିବାର ପରିବାରବର୍ଗଙ୍କୁ ଡକାଇ ପୋଲିସ ନାବାଳକଙ୍କୁ ଜିମା ଦେଲାବେଳେ ସମ୍ପୃକ୍ତ ନାବାଳକ ଘରକୁ ଫେରିବାକୁ ମନା କରିଥିଲେ। ଶେଷରେ ପୋଲିସ ତାଙ୍କୁ ଅନୁଗୋଳ ଜିଲା ଆଦୃତ ଗୃହକୁ ପଠାଇ ଦେଇଛି। ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ନାବାଳକ ଘର ଛାଡ଼ିଥିବା ସାଧାରଣରେ ଆଲୋଚନା ହେଉଛି।

## ବ୍ଲାକ ଡାଇମଣ୍ଡ ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ






### ଅନୁଗୋଳ ବିକାଶ ଫର୍ଣ୍ଡରେ ଯୋଡିହେଲା ନୂଆ ଅଧ୍ୟାୟ

ଅନୁଗୋଳ,୮।୧୨(ଅମିତ ସାମଲ)

ଅନୁଗୋଳ ଜିଲା ବିକାଶ ଫର୍ଦ୍ଦରେ ଶୁକ୍ରବାର ଯୋଡିହୋଇଛି ଏକ ନୂଆ ଅଧ୍ୟାୟ। ତାଳଚେରରେ ବହୁପ୍ରତୀକ୍ଷିତ ପବିତ୍ରମୋହନ ମେଡିକାଲ ସହ ଅନୁଗୋଳର କେତୋଟି ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫରେନ୍ସ ଯୋଗେ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପି. ଏମ. ପ୍ରସାଦ, ଏମ୍‌ସିଏଲ ମହାପ୍ରବନ୍ଧକ କେଶବ ରାଓ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଓ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ଥିଲେ। ହୁଲୁରିସିଂହାରେ ନିର୍ମାଣ ହୋଇଥିବା ବିଶ୍ୱସ୍ତରୀୟ ପାଠାଗାର ଏବଂ ଇଣ୍ଟରପ୍ରିଟେସନ ସେଣ୍ଟର (ବ୍ଲାକ ଡାଇମଣ୍ଡ) ଉଦ୍‌ଘାଟନ କରାଯାଇଛି। ଏଥିରେ ଅନୁଗୋଳର ଐତିହ୍ୟ ସହ କଳା ଓ ସଂସ୍କୃତି ଆଦି ସ୍ଥାନିତ କରାଯାଇଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣ ହୋଇଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର ଓ ଜିଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବଣ୍ଟଁରପାଳ ସନ୍ତ୍ରୀଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ୫୦୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇ ଉନ୍ନୟନ କରାଯାଇଛି। ଏଥିସହ ଏକ ନୂତନ ରାସ୍ତା ମଧ୍ୟ ଉଦ୍‌ଘାଟିତ ହୋଇଛି। ବ୍ଲାକ ଡାଇମଣ୍ଡ ଉଦ୍‌ଘାଟନ କରାଯାଇଥିଲେ ମଧ୍ୟ ଆସନ୍ତା ସପ୍ତାହରେ ଲୋକମାନେ ପରୀକ୍ଷାମୂଳକ ଭାବେ ଏହାକୁ ଭ୍ରମଣ କରିପାରିବେ। ଶନିବାର ଅପରାହ୍ନରେ ବ୍ଲାକ ଡାଇମଣ୍ଡକୁ ପ୍ରବେଶ ଶୁଳ୍କ ନେଇ ପ୍ରଶାସନସ୍ତରରେ ଉଚ୍ଚସ୍ତରୀୟ ବୈଠକ ଆୟୋଜନ ହେବ।

